### ଚେକଡ୍ୟାମ୍ ନିର୍ମାଣରେ ଅନିୟମିତତା

# ଭିଜିଲାନ୍ସ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

କବିସୂର୍ଯ୍ୟନଗର,୧୨।୭ (ସମିସ)



କବିସୂର୍ଯ୍ୟନଗର ବ୍ଲକ ବାଲ୍ୟାସରା ପଞ୍ଚାୟତ ଅନ୍ତର୍ଗତ ସଦାୱର୍ତ୍ତ ନୂଆଗାଁ ଠାରେ ନିର୍ମାଣ କରାଯାଇଥିବା ଚେକ୍‌ଡ୍ୟାମ୍ ଭୁଶୁଡି ଯାଇଛି। ଫଳରେ ଚାଷୀଭାଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ଦୁଇବର୍ଷ ଧରି ଏହି କାର୍ଯ୍ୟ ଚାଲିଥିଲା। ହେଲେ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବାରୁ ଏହା ଭୁଶୁଡ଼ି ପଡିଛି। ଏଣୁ ଗତ ୭ ତାରିଖରେ ସ୍ଥାନୀୟ ତହସିଲଦାରଙ୍କୁ ଚାଷୀ ଓ ସ୍ଥାନୀୟ ପ୍ରତିନିଧିମାନେ ଭେଟି ଦାବିପତ୍ର ଦେବାସହ ଏହି କ୍ଷୁଦ୍ର ଜଳସେଚନ ଚେକ୍‌ଡ୍ୟାମକୁ ତୁରନ୍ତ ତିଆରି କରି ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଗତ ଶୁକ୍ରବାର ଦିନ ବ୍ରହ୍ମପୁର ଦୁର୍ନୀତି ନିବାରଣ ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିଥିଲେ। ସାମାନ୍ୟ ବର୍ଷାରେ ଟଳି ପଡ଼ିଥିବା ଚେକ୍ ଡ୍ୟାମଟି ପୁନଃ ନିର୍ମାଣ କରାଯିବା ସହ ଏହାର ତଦନ୍ତ ନିର୍ଦ୍ଦେଶ ଦେବାକୁ ଦାବି କରିଥିଲେ। ଏପରକି କ୍ଷୁଦ୍ର ଜଳସେଚନ ବିଭାଗରେ ବହୁ ଦୁର୍ନୀତି ହୋଇଛି। ତେଣୁ ଖୋଳାତାଡ଼ କଲେ ଏକ ବଡ଼ ଦୁର୍ନୀତି ଲୋକଲୋଚନକୁ ଆସିପାରିବ ବୋଲି ଅଭିଯୋଗରେ ଚାଷୀ ଉଲ୍ଲେଖ କରିଛନ୍ତି।

କାର୍ଯ୍ୟକ୍ରମରେ ବାଲ୍ୟସରା ସରପଞ୍ଚ ରବୀନ୍ଦ୍ର ପୋଲାଇ, ସୁନାରିଝୋଲା ସରପଞ୍ଚ ରାଧା ରେଡ଼ି, ବାଲ୍ୟସରା ସମିତିସଭ୍ୟା ପ୍ରତିନିଧି ଗୌତମ ଖଣ୍ଡୁଆଳ, ଜିଲ୍ଲା ପରିଷଦ ପ୍ରତିନିଧି ହାଡୁବନ୍ଧୁ ସ୍ୱାଇଁ, ଦାଶରଥି ନାୟକ, ଗଙ୍ଗା ସ୍ୱାଇଁ, କବିସୂର୍ଯ୍ୟନଗର ସେବା ସମବାୟ ସମିତି ସଭାପତି ମନ୍ମଥ ପରିଡା, ନୀଳାଞ୍ଚଳ ମଣ୍ଡଳ, ଅଭିମନ୍ୟୁ ଚର୍ଚ୍ଚି, ଗଙ୍ଗାଧର ସ୍ୱାଇଁ, ଶ୍ରୀରାମ ସ୍ୱାଇଁ ଓ ଗଞ୍ଜାମ ଜିଲ୍ଲା ବିଜେଡି ଯୁବ ଜୋନ ସଭାପତି ନଚିକେତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଆନ୍ଦୋଳନ



**ଛତ୍ରପୁର,୧୨।୭ (ସମିସ):** ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଛାତ୍ରଛାତ୍ରୀ ଓ ଅଭିଭାବକ ଛତ୍ରପୁର ବ୍ଲକ ଟାକିରିଆ ବ୍ରହ୍ମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଶନିବାର ହୋଇଥିବାରୁ ସକାଳୁଆ ସ୍କୁଲ ଥିଲା। ଶିକ୍ଷକ ଜେ.କୁର୍ମା ରାଓଙ୍କ ବଦଳି ଅନ୍ୟ ଗୋଟେ ସ୍କୁଲକୁ ହୋଇଥିବାରୁ ଏହାକୁ ବାତିଲ କରିବାକୁ ସ୍କୁଲ ଫାଟକରେ ତାଲା ପକାଇ ରଖିଥିଲେ ଅଭିଭାବକ ଓ ଛାତ୍ରଛାତ୍ରୀ। ଏପିରିକି ଅନ୍ୟ କୌଣସି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଭିତରକୁ ଛାଡିନଥିଲେ। କୁର୍ମା ସାର୍‌ଙ୍କ ବଦଳି କିଛି ରାଜନୈତିକ ଚାପରେ କରାଯାଇଛି। ତେଣୁ ଏହି ବଦଳି ଯେତେଦିନ ପର୍ଯ୍ୟନ୍ତ ବାତିଲ ହେବନାହିଁ, ସେତେଦିନ ପର୍ଯ୍ୟନ୍ତ ସ୍କୁଲ ଫାଟକରେ ତାଲା ପଡି ରହିବ ବୋଲି ଅଭିଭାବକମାନେ କହିଥିଲେ। ଜେ.କୁର୍ମା ରାଓଙ୍କୁ ସୁନ୍ଦରପୁରର ସୁନ୍ଦରେଶ୍ୱର ସ୍କୁଲକୁ ବଦଳି ହୋଇଯାଇଛି ଏବଂ ତାଙ୍କ ବଦଳିରେ ଅନ୍ୟ ଜଣେ ଶିକ୍ଷୟିତ୍ରୀ ଆସିଥିବା ବେଳେ ସେ ମଧ୍ୟ ଆଜି ସ୍କୁଲକୁ ଆସିଥିଲେ। ହେଲେ ତାଙ୍କୁ ମଧ୍ୟ ସ୍କୁଲ ଭିତରକୁ ଛଡାଯାଇନଥିଲା। ଚମାଖଣ୍ଡି ପୁଲିସ ପହଞ୍ଚିଥିଲେ। ଶିକ୍ଷକଙ୍କ ବଦଳି ବାତିଲ ନେଇ ଶୁକ୍ରବାର ଛତ୍ରପୁର ବିଇଓଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ସାଇକଲକୁ ଧକ୍କା ଦେଲା ଟ୍ରକ୍; ନାବାଳକ ଗୁରୁତର

**ଛତ୍ରପୁର,୧୨।୭ (ସମିସ):** ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ନିକଟସ୍ଥ ଜାତୀୟ ରାଜପଥରେ ଟ୍ରକ୍ ଜଣେ ନାବାଳକ ସାଇକଲ୍ ଆରୋହୀ ଆହତ ହୋଇଥିବା ଜଣାପଡିଛି। ଶନିବାର ଅପରାହ୍ଣ ୪ଟାରେ ସିଦ୍ଧାର୍ଥ ରେଡ୍ଡୀ (୧୪) କାଳିଆବାଲିରୁ ଚମାଖଣ୍ଡି ଖେଳ ପଡିଆକୁ ସାଇକଲ୍ ଯୋଗେ ଯାଉଥିବା ବେଳେ ଏକ ଟ୍ରକ୍ (ନଂ.ଏପି ୩୯-ୟୁଏଲ୍-୭୭୯୯) ଧକ୍କା ଦେଇଥିଲା। ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ଟିମ୍ ପହଞ୍ଚି ଆହତ ନାବାଳକଙ୍କୁ ଉଦ୍ଧାର କରି ଛତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ଚମାଖଣ୍ଡି ପୁଲିସ ଘଟଣାର ତଦନ୍ତ କରୁଛି।

## ମିଳୁନି ଗ୍ୟାସ୍ ସିଲିଣ୍ଡର; ନିରାଶରେ ଫେରୁଛନ୍ତି ଗ୍ରାହକ

**ଛତ୍ରପୁର,୧୨।୭ (ସମିସ):** ରାଜ୍ୟରେ ଡ୍ରାଇଭର ମହାସଂଘ ଆନ୍ଦୋଳନ ପାଇଁ ଜରୁରୀକାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ଛତ୍ରପୁରରେ ଏବେ ଏଚ୍‌ପି ଗ୍ୟାସ ସିଲିଣ୍ଡର ମିଳୁନଥିବା ଦେଖିବାକୁ ମିଳିଛି। ଗାଡ଼ି ଆସୁନଥିବାରୁ ଲୋକମାନେ ଗ୍ୟାସ ଆଗରୁ ବୁକିଂ କରିଥିଲେ ବି ଗୋଦାମରେ ଗ୍ୟାସ ଷ୍ଟକ ନଥିବାରୁ ଲୋକମାନେ ନିରାଶରେ ଫେରୁଛନ୍ତି। ଚଳିତ ମାସ ୨ରୁ ବୁକିଂ କରିଥିବା ଲୋକଙ୍କୁ ଏଯାବତ ଗ୍ୟାସ ମିଳିନାହିଁ। ଏଯାବତ ୩୧୪୦ ଜଣ ଏଚ୍‌ପି ଗ୍ୟାସ ବୁକିଂ କରିଥିଲେ ବି ସେମାନେ ଗ୍ୟାସଟାଙ୍କି ପାଇବା ପାଇଁ ଅପେକ୍ଷା କରିଥିବା ବେଳେ ଛତ୍ରପୁରକୁ ଗାଡି ଆସୁନଥିବାରୁ ସେମାନଙ୍କୁ ମିଳୁନାହିଁ ଗ୍ୟାସ। ଏପରିକି ଜେଲ୍ ନିକଟରେ ଥିବା ଏଚ୍‌ପି ଗ୍ୟାସ ଗୋଦାମରେ ତାଲା ପଡିଥିବା ଦେଖିବାକୁ ମିଳିଥିବା ବେଳେ ଲୋକେ ଖାଲି ହାଣ୍ଡି ଧରି ଆସି ନିରାଶରେ ଫେରୁଛନ୍ତି। ବହୁ ଗ୍ରାହକ ରୋଷେଇ ପାଇଁ ଗ୍ୟାସ ଉପରେ ନିର୍ଭର କରୁଥିବାରୁ ସେମାନେ ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅଚଳାବସ୍ଥା କେତେଦିନ ରହିବ ସେନେଇ ଗ୍ୟାସ ଅଫିସ ପକ୍ଷରୁ କୌଣସି ସଠିକ ସୂଚନା ମଧ୍ୟ ଗ୍ରାହକଙ୍କୁ ମିଳିପାରୁନାହିଁ, ଗାଡି ଆସୁନାହିଁ ଆମେ କ'ଣ କରିବୁ ବୋଲି କହିଥିଲେ। ଶେଷଥର ପାଇଁ ୫ରୁ ଗ୍ୟାସ ଡିପୋରୁ ଗ୍ୟାସ ଗାଡ଼ି ଆସି ୭ରେ ଅନ୍‌ଲୋଡ ହୋଇଥିଲା ଆଉ ଗାଡି ଆସୁନାହିଁ ବୋଲି କହିଥିଲେ। ବିଶାଖାପାଟନମରୁ ଏକ ଗାଡି ଆସୁଥିବା ଏକ ବିଶେଷ ସୂତ୍ରରୁ ଖବର ମିଳିଛି। ରବିବାର ସକାଳେ ଏହି ଗାଡି ପହଞ୍ଚିବ ବୋଲି ଜଣାପଡିଛି।

## କ୍ୟାରିଅର କାଉନସେଲିଂ କାର୍ଯ୍ୟକ୍ରମ

**ବେଗୁନିଆପଡା,୧୨।୭ (ସମିସ):** କୋଦଳା ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ ଯୁକ୍ତ ତିନି ଶେଷ ବର୍ଷ ଏବଂ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ନେଇ ଭବିଷ୍ୟତ ମାର୍ଗ ଦର୍ଶନ ଉଦ୍ଦେଶ୍ୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ରଘୁନାଥ ମୁଦୁଲି ଅଧ୍ୟକ୍ଷତା କରିଥିଲେ। ଇତିହାସ ବିଭାଗ ମୁଖ୍ୟ ବିନୋଦ କୁମାର ମିଶ୍ର ଏବଂ ଓଡିଆ ବିଭାଗ ମୁଖ୍ୟ ରଞ୍ଜୁବାଳା ନନ୍ଦ ଉପସ୍ଥିତ ଥିଲେ। ସାଧନା କର୍ମୀ ଭାବେ ଆଡଭୋକେଟ ଜମିର ଅଲ୍ଲୀ ଖାନ୍ ଯୋଗ ଦେଇ ଆଇନ ଶିକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇ ସମାଜ ସେବାରେ ଆଇନର ଆବଶ୍ୟକତା କିପରି ଅଧିକ ତାହା ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ। ଅନ୍ତର୍ନିହିତ ଗୁଣାବଳୀ ବର୍ଦ୍ଧକ ସଂଯୋଜକ ସପନ କୁମାର ଦାଶ, ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ତପସ୍ୱିନୀ କରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଣିତ ବିଭାଗ ଅଧ୍ୟାପିକା ପ୍ରିୟଦର୍ଶିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ମା' ପାଇଁ ବୃକ୍ଷଟିଏ' କାର୍ଯ୍ୟକ୍ରମ

**ବେଲଗୁଣ୍ଠା,୧୨।୭ (ସମିସ):** ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ସ୍ଥିତ ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟରେ ମାଆଙ୍କ ପାଇଁ ବୃକ୍ଷଟିଏ କାର୍ଯ୍ୟକ୍ରମ ସହିତ ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁଙ୍କ ଆବାହନ କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋରଡା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇ ପ୍ରଦୂଷଣକୁ ହଟାଇବା ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ବିକଳ୍ପ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗାଙ୍ଗପୁର ବନପାଳ ମୀତା ପୋଲାଇ, ଗାଙ୍ଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବରାମ ମହାନ୍ତି,ସିଆରସିସି ମୃତ୍ୟୁଞ୍ଜୟ ପଣ୍ଡା, ଶିକ୍ଷକ ଆକୁଳ ସାହୁ, ପୂର୍ବତନ ଗ୍ରାମ୍ୟ ପରିଚାଳନା କମିଟି ସଭାପତି ନିତ୍ୟାନନ୍ଦ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାମ୍‌ଜୀ କଲେଜରେ ବନମହୋତ୍ସବ



**ଦିଗପହଣ୍ଡି,୧୨।୭ (ସମିସ):** ଦିଗପହଣ୍ଡି ବ୍ଲକ ଅଧିନସ୍ଥ ଭୀଷ୍ମଗିରୀ ରାମ୍‌ଜୀ ଡିଗ୍ରୀ ମହାବିଦ୍ୟାଳୟରେ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଜେନାମଣି ସାହୁଙ୍କ ସମେତ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ବିନୟ କୁମାର ବ୍ରୁ, ଭୀଷ୍ମଗିରି ବନପାଳ ଦେବାଶିଷ ଶତପଥୀ, ବନରକ୍ଷୀ ଗିରିଜା ଶଙ୍କର ଦୋରା, ସରୋଜ କୁମାର ମଲ୍ଲିକ, ଲକ୍ଷପତି ଗମାଙ୍ଗ, ପ୍ରିୟଦର୍ଶିନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।" ମା'ଙ୍କ ନାଁ ରେ ଗଛଟିଏ' ଏହାଥିଲା ମଞ୍ଚାସୀନ ଅତିଥିଙ୍କ ମୂଳ ସ୍ୱର। ଶେଷରେ ଉଭୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ବନ କର୍ମଚାରୀଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଯୁବ ରେଡକ୍ରସର ଉପଦେଷ୍ଟା ରଞ୍ଜନ ଗୌଡ ସହଯୋଗ କରିଥିଲେ। ମହାବିଦ୍ୟାଳୟସ୍ଥିତ ଭାରତ ସ୍କାଉଟ ଓ ଗାଇଡର ପ୍ରଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ୍ତାହିକ ହାଟ ନିକଟରେ ଆବର୍ଜନା ପାହାଡ଼

**ଗଞ୍ଜାମ,୧୨।୭ (ସମିସ):** ଗଞ୍ଜାମ ସହରରେ କିଛି ସପ୍ତାହ ହେଲା ପ୍ରତ୍ୟେକ ଶନିବାର ଏନ୍‌ଏସି ପ୍ରଶାସନ ପକ୍ଷରୁ ସପ୍ତାହିକ ହାଟ ବସିବା ବ୍ୟବସ୍ଥା କରାଯାଇଛି। ଯେଉଁ ହାଟରେ ବିକ୍ରିବଟା ଓ ବିଭିନ୍ନ ସାମଗ୍ରୀ କ୍ରୟ କରିବା ପାଇଁ ପ୍ରବଳ ଲୋକଙ୍କ ସମାଗମ ହେଉଛି। ହେଲେ ଏନଏସି ପକ୍ଷରୁ ହାଟର ମାତ୍ର ୧୦ ମିଟର ଦୂରତା ମଧ୍ୟରେ ସହରର ବିଭିନ୍ନ ୱାର୍ଡର ଅଳିଆ ଆବର୍ଜନା ସେଠାରେ ଟ୍ରାକ୍ଟରରେ ବୋହି ଆଣି ଢଳା ଯାଉଥିବା ଲକ୍ଷ୍ୟ କାରାଯାଇଛି। ବର୍ଷା ଜଳ ପ୍ରଭାବରେ ସେଠାରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଏହି ବିଚିତ୍ର ନୀତିକୁ ନେଇ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଅନ୍ୟପଟେ ଠିକ ଗଞ୍ଜାମ କଲେଜ ଫାଟକ ସମ୍ମୁଖରେ ଉକ୍ତ ଆଜିଆ ଆବର୍ଜନା ପଡୁଥିବାରୁ ମହାବିଦ୍ୟାୟକୁ ଆସୁଥିବା ଛାତ୍ରଛାତ୍ରୀ ନାକ ଟେକୁଛନ୍ତି। ତେଣୁ ତୁରନ୍ତ ଗଞ୍ଜାମ ଏନଏସି ପ୍ରଶାସନ ସେଠାରୁ ଅଳିଆ ଆବର୍ଜନା ହଟାଇବା ପାଇଁ ବିଭିନ୍ନ ମହଲରେ ଦୃଢ଼ ଦାବି ହେଉଛି।



## 'ଆମ ସମ୍ବିଧାନ, ଆମ ଗୌରବ' ଆଲୋଚନାଚକ୍ର



**ଫୁଲବାଣୀ,୧୨।୭ (ସମିସ):** ସାମାଜିକ ସଙ୍ଗଠନ ଜାଗ୍ରତ କନ୍ଧମାଳ ପକ୍ଷରୁ 'ଆମ ସମ୍ବିଧାନ ଆମ ଗୌରବ' ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘ ସଭାପତି ସର୍ବେଶ୍ୱର ମିଶ୍ର ଯୋଗ ଦେଇ ଭାରତର ସମ୍ବିଧାନ ପ୍ରତ୍ୟେକ ନାଗରିକର ସୁରକ୍ଷା କବଚ ବୋଲି କହିଥିଲେ। ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ବ୍ରଜ ବିହାରୀ ନନ୍ଦ ସମ୍ବିଧାନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଏହା ଅଦ୍ୱିତୀୟ ଏବଂ ଏହାର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ।

ସମ୍ମାନୀତ ଅତିଥି ଅବସରପ୍ରାପ୍ତ ସେନା ଅଧିକାରୀ ନବୀନ କିଶୋର ପଣ୍ଡା, ସାମ୍ବାଦିକ ସନ୍ତୋଷ ଦିଗାଲ, ଶିବାନନ୍ଦ ପଟ୍ଟନାୟକ, ଅଶୋକ ମହାନ୍ତି, ଜାକୀର ଉଲ୍ଲା ଖାନ, ପଞ୍ଚାନନ କହଁର, ପ୍ରେମାନନ୍ଦ ମାଝୀ, ଭଗବାନ ଭୋଇ, ଦିବାକର ଦିଗାଲ,ବିନୋଦ ପ୍ରଧାନ ଓ ତ୍ରିନାଥ ମାଝୀ ସମ୍ବିଧାନ ସମ୍ପର୍କରେ ନିଜର ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ। ସଙ୍ଗଠନର ସଭାପତି ଅରୁଣ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ସତ୍ୟ ନାରାୟଣ ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉଦ୍ଧବ ଦିଗାଲ ମଞ୍ଚ ସଂଚାଳନ କରିଥିଲେ। ଏ ଅବସରରେ ୪୦ ଜଣଙ୍କୁ ସମ୍ବିଧାନ ପୁସ୍ତକ ଦିଆଯାଇଥିଲା।

## ସ୍ୱାଭାବିକ ବର୍ଷା; ତଳି ରୁଆ ଆରମ୍ଭ

**ପାରଳାଖେମୁଣ୍ଡି,୧୨।୭ (ସମିସ):** ଚଳିତ ବର୍ଷ ମୌସୁମୀ ସଠିକ୍ ସମୟରେ ସକ୍ରିୟ ହୋଇ ବର୍ଷା ହୋଇଛି। ଫଳରେ ଗଜପତି ଜିଲ୍ଲାରେ ଖରିଫ ଧାନ ଚାଷ ପାଇଁ ତଳି ରୁଆ ଆରମ୍ଭ ହୋଇଛି। ଅଧିକା ଅମଳ ଓ ଏଫଏକ୍ୟୁମାନର ଧାନ ବା ଧାନର ଗୁଣବତ୍ତା ଅଧିକ ରକ୍ଷା କରିବାରେ ଲାଗି ପଡିଛନ୍ତି ଚାଷୀ। ପବିତ୍ର ଅକ୍ଷୟ ତୃତୀୟା ଠାରୁ ତଳି ପାଇଁ ଧାନ ବିହନ ବୁଣାଯାଇଥିବା ବେଳେ ସଠିକ୍ ସମୟରେ ଲଘୁଚାପ ଜନିତ ବର୍ଷା ଓ ପରେ ପରେ ମୌସୁମୀ ବର୍ଷା ସକ୍ରିୟ ହୋଇଥିଲା।



## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ପ୍ରଯୁକ୍ତିବିଦ୍ୟା ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ



**ବ୍ରହ୍ମପୁର,୧୨।୭ (ସମିସ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ଆନୁକୂଲ୍ୟରେ ପ୍ରଯୁକ୍ତିବିଦ୍ୟା ଆଧାରିତ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗଣପତି ସାବତ ଫାଉଣ୍ଡେସନର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧ୍ୟାପକ ଡ. ବିଭୂତି ପ୍ରସାଦ ବାରିକ ଅତିଥି ପରିଚୟ ଦେଇଥିଲେ। ବିଭାଗ ମୁଖ୍ୟ ଡ. ସୁଶୀଳ ରାଠୋର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବୈଜ୍ଞାନିକ ଡ. ବି. ସି. ସାବତ ସାମ୍ପ୍ରତିକ ସମୟରେ ଉଦ୍ୟମିତା ବିକାଶ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଡ. ଭି. ଭି. ରାମାରାଓ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡ. ଏସ.ପି. ସାହୁ, ଜିଲ୍ଲା ଶିଳ୍ପ କେନ୍ଦ୍ରର ମୁଖ୍ୟ ପ୍ରିୟାଂଶୁ ପଟ୍ଟନାୟକ, ଇଲେଟ କ୍ରଞ୍ଚିଜ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମିନାକ୍ଷୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ ପଟ୍ଟନାୟକ ଏବଂ ବିଶ୍ୱବିଦ୍ୟାଳୟ କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ଉପସ୍ଥିତ ଥିଲେ।

### ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଅଚଳାବସ୍ଥା

# ଅଧ୍ୟାପକ ମରୁଡ଼ି; ପାଠପଢ଼ା ଠପ୍



**ଆସିକା,୧୨।୭ (ସମିସ):** ଆସିକା ତଥା ଏହାର ଆଖ ପାଖ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ଉଚ୍ଚ ଶିକ୍ଷା ପାଇଁ ୧୯୬୮ରେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ପ୍ରତିଷ୍ଠା ହୋଇଥିଲା। ଏହି ମହାବିଦ୍ୟାଳୟ ରେ କଳା, ବାଣିଜ୍ୟ ବିଜ୍ଞାନରେ ଯୁକ୍ତ ଦୁଇ ଓ ଯୁକ୍ତ ତିନିରେ ୨୨ ଶହରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଗଞ୍ଜାମ ଜିଲ୍ଲାର ୬୮ ବର୍ଷ ପୁରାତନ ଏହି ମହାବିଦ୍ୟାଳୟରେ ଅଧ୍ୟାପକ ସଂକଟ ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ୟା ହୋଇଛି। ଅତିଥି ବା ଚୁକ୍ତିଭିତ୍ତିକ ନିଯୁକ୍ତି ପରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯିବ। ସରକାରଙ୍କ ନିଷ୍ପତ୍ତି ଏଭଳି ଯେ, ପ୍ରାଣୀ ବିଜ୍ଞାନର ଗୋଟିଏ ପଦବୀ ଖାଲି ଥିଲା। ଗତ ମାସରେ ଜଣେ ଅଧ୍ୟାପକ ଅବସର ନେଲେ, ପୁଣି ଚଳିତ ମାସରେ କାର୍ଯ୍ୟରତ ଜଣେ ମାତ୍ର ନିୟମିତ ଅଧ୍ୟାପକଙ୍କୁ ଅନ୍ୟତ୍ର ବଦଳି କରି ବିଭାଗକୁ ଅଧ୍ୟାପକ ବିହୀନ କରିଦେଲେ। ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଜ୍ଞାନରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ସହିତ ଲାବରୋଟୋରି ଶିକ୍ଷା ପ୍ରଦାନ ଅତ୍ୟନ୍ତ ଆବଶ୍ୟକ ରହିଛି। ଏଭଳି ସ୍ଥିତିରେ ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନରେ ମଞ୍ଜୁର ପଦବୀ ୩ ଥିବା ବେଳେ କେହି ଅଧ୍ୟାପକ ନାହାନ୍ତି। ଉଦ୍ଭିଦ ବିଜ୍ଞାନରେ ୪ ଟି ପଦବୀରୁ ଅଛନ୍ତି ୩, ରସାୟନ ବିଜ୍ଞାନରେ ମଞ୍ଜୁର ୬ ପଦବୀରୁ ଅଛନ୍ତି ୩ ଜଣ, ପଦାର୍ଥ ବିଜ୍ଞାନରେ ୬ ଜଣରୁ ଅଛନ୍ତି ୫, ଗଣିତରେ ୪ରୁ ୩, ବାଣିଜ୍ୟରେ ୬ରୁ ୪, ଇଂରାଜୀରେ ୬ରୁ ୪, ରାଜନୀତି ବିଜ୍ଞାନରେ ୪ ବଦଳରେ ୩, ଓଡ଼ିଆରେ ୫ ରୁ ୩ ଜଣ ଅଧ୍ୟାପକ ଅଛନ୍ତି। ଏଭଳି ସ୍ଥିତିରେ ଠିକା ନିଯୁକ୍ତିରେ କିଛି ଅଧ୍ୟାପକ ପଦବୀ ପୂରଣ ପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଉଦ୍ୟମ କରିଛନ୍ତି। ୨୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଇଁ ଆବଶ୍ୟକ ଅଧ୍ୟାପକ ପଦବୀ ପୂରଣ ଦିଗରେ ପଦକ୍ଷେପ ଆବଶ୍ୟକ ଜରୁରୀ ହୋଇପଡ଼ିଛି।



## ୧୪ରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗସ୍ତ

ବ୍ରହ୍ମପୁର,୧୨।୭(ସମିସ): ଆସନ୍ତା ୧୪ତାରିଖରେ ବିଧାନସଭା ଷ୍ଟାଣ୍ଡିଂ କମିଟି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗସ୍ତରେ ଆସୁଥିବା ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। କମିଟିର ଅଧ୍ୟକ୍ଷ ତଥା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସମେତ ୧୨ଜଣ ବିଧାୟକ ଓ ଉଚ୍ଚଶିକ୍ଷା ବିଭାଗର ୫ଜଣ ବରିଷ୍ଠ ଅଧିକାରୀ ଗସ୍ତରେ ସାମିଲ ରହୁଥିବା ଜଣାପଡିଛି। ଏହି କମିଟି ବିଶ୍ୱବିଦ୍ୟାଳୟ ଗସ୍ତରେ ଆସି କ୍ୟାମ୍ପସର ଅଭାବ, ଅସୁବିଧା ନେଇ ବିଭିନ୍ନ ବିଭାଗୀୟ ମୁଖ୍ୟ, ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସହ ଆଲୋଚନା କରି ଏକ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ। ଏନେଇ ସମସ୍ତ ବିଭାଗୀୟ ଅଧିକାରୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ନିର୍ଦ୍ଦେଶ କ୍ରମେ କୁଳସଚିବ ସଚ୍ଚିଦାନନ୍ଦ ନାୟକଙ୍କ ପକ୍ଷରୁ ମଧ୍ୟ ସମସ୍ତ ବିଭାଗୀୟ ଅଧିକାରୀ, ସମସ୍ତ ଶିକ୍ଷକ, ଅଣଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଜାରି କରିବା ସହ ଉକ୍ତ ଦିନକୁ ନୋ ଭେଇକଲ ଜୋନ ଭାବେ ଘୋଷଣା କରାଯାଇଛି। ତେବେ କେବଳ ବ୍ୟାଟେରୀ ଯାନବାହାନ ଚଳାଚଳକୁ ଅନୁମତି ଥିବା କୁହାଯାଇଛି। ସୂଚନାଯୋଗ୍ୟ ଯେ' ପୂର୍ବତନ କୁଳପତି ପ୍ରଫେସର ଦୀପକ ବେହେରାଙ୍କ ସମୟରେ ଗତ ୨୦୧୪ମସିହାରେ ତତ୍କାଳୀନ କମିଟି ଅଧ୍ୟକ୍ଷ ତାରାପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ ଏକ ଷ୍ଟାଣ୍ଡିଂ କମିଟି ବିଶ୍ୱବିଦ୍ୟାଳୟ ଗସ୍ତରେ ଆସିଥିଲେ। ଦୀର୍ଘ ୧୧ବର୍ଷ ପରେ ପୁଣି ଏକ ଷ୍ଟାଣ୍ଡିଂ କମିଟି ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସୁଥିବାରୁ ଅଧିକ ଆର୍ଥିକ ଅନୁଦାନ ଓ ସମସ୍ୟାର ସମାଧାନ ସହିତ କର୍ମଚାରୀଙ୍କ ଦିର୍ଘଦିନର ଦାବିର ସମାଧାନ ନେଇ ସମସ୍ତଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି।

● ବିଶ୍ୱାସରେ ବିଷ ଦେଲା ବନ୍ଧୁ

## କରଜ ନେଇ ୧୦ଲକ୍ଷ ଠକେଇ ଅଭିଯୋଗ

ବ୍ରହ୍ମପୁର,୧୨।୭(ସମିସ): ଜଣେ ଯୁବକଙ୍କ ଠାରୁ ୧୦ଲକ୍ଷରୁ ଉଦ୍ଧ୍ୱର୍ ଟଙ୍କା କରଜ ନେଇ ପରବର୍ତ୍ତୀ ସମୟରେ ଠକିଥିବା ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ବିଜୟ ବିହାର ଅଞ୍ଚଳର ବିଭୂତି କୁମାର ପଣ୍ଡାଙ୍କ ଠାରୁ ତାଙ୍କ ବନ୍ଧୁ ଜି. ମୋହନ ରାଓ କୌଣସି କାମ ପାଇଁ ୧୦ଲକ୍ଷ ୧୭ହଜାର ୫୦୦ଟଙ୍କା ଧାର ସୂତ୍ରରେ ନେଇଥିଲେ। ମୋହନଙ୍କୁ ପ୍ଲଟ କ୍ରୟ କରିବା ସହିତ ନିଜର ଅନ୍ୟାନ୍ୟ ଆର୍ଥିକ ଅଭାବ ପୂରଣ ପାଇଁ ବିଶ୍ୱାସରେ ଅନ୍‌ଲାଇନ ଜରିଆରେ ବିଭୂତି ଉକ୍ତ ଟଙ୍କା ଦେଇଥିଲେ। ତେବେ ଦୀର୍ଘ ମାସ ପରେ ମଧ୍ୟ ମୋହନ ଟଙ୍କା ଫେରସ୍ତ କରିନଥିଲେ। ବିଭୂତି ବାରମ୍ବାର ଟଙ୍କା ମାଗିବାରୁ ମୋହନ ଦିନ ଗଡ଼ାଇ ଚାଲିଥିଲେ। ଟଙ୍କା ନେବାବେଳେ ମୋହନ ଦୁଇଟି ଆଡଭାନ୍ସ ଚେକ୍ ବିଭୂତିଙ୍କୁ ଦେଇଥିଲେ। ବିଭୂତି ବ୍ୟାଙ୍କରେ ଉକ୍ତ ଚେକ୍‌କୁ ଦାଖଲ କରିବା ପରେ ଟଙ୍କା ନଥିବା ଜାଣିବାକୁ ପାଇଥିଲେ। ଫଳରେ ବିଭୂତି ଏନେଇ ମୋହନଙ୍କୁ କହିବା ପରେ ଅଧିକ ୯୦ଦିନ ଅପେକ୍ଷା କରିବାକୁ ଅନୁରୋଧ କରିଥିଲେ। ତେବେ ନିର୍ଦ୍ଧାରିତ ସମୟ ଅତିବାହିତ ହୋଇଥିଲେ ହେଁ ବିଭୂତି ଟଙ୍କା ଫେରସ୍ତ ନପାଇବାରୁ ଶେଷରେ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ଆନନ୍ଦମାର୍ଗ ପକ୍ଷରୁ ରାଜ୍ୟସ୍ତରୀୟ ଯୋଗ ଶିବିର



ବ୍ରହ୍ମପୁର,୧୨।୭(ସମିସ): ସ୍ଥାନୀୟ ପ୍ରଚାରକ ସଂଘ ପକ୍ଷରୁ ବୈକୁଣ୍ଠ ନଗର ସ୍ଥିତ ସାଇ ଚନ୍ଦନ ସେବା ସଦନରେ ତ୍ରିଦିବସୀୟ ରାଜ୍ୟସ୍ତରୀୟ ଯୋଗ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏହାର ଦ୍ୱିତୀୟ ଦିନରେ ମୁଖ୍ୟ କେନ୍ଦ୍ରୀୟ ପ୍ରଶିକ୍ଷକ ଭାବେ ଆନ୍ତର୍ଜାତୀୟ ଯୋଗ ପ୍ରଶିକ୍ଷକ ଆଚାର୍ଯ୍ୟ ପ୍ରିୟତୋଷାନନ୍ଦ ଅବଧୂତ ଯୋଗଦେଇ ଶିବିରାର୍ଥୀଙ୍କୁ ଯୋଗ ଶିକ୍ଷାଦାନ ସହ ଏହାର ଉପାଦେୟତା ସମ୍ପର୍କରେ ବୁଝାଇଥିଲେ। ଆଜି ପ୍ରାତଃରେ ପଞ୍ଚଜନ୍ୟ, ପ୍ରଭାତ ଫେରୀ, ଅଷ୍ଟାଙ୍ଗ ଯୋଗ, ଈଶ୍ୱର ପ୍ରଣିଧାନ, ସ୍ୱାଧ୍ୟାୟ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାମାଜିକ -ଆଧ୍ୟାତ୍ମିକ- ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଏହାର ସକାରାତ୍ମକ ଦିଗ ଉପରେ ଆଲୋଚନା ହୋଇଥିଲା। ଅପରାହ୍ନରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଉତ୍କଳ ସମାଜର ସେକ୍ରେଟାରୀ ସରୋଜ ପଟ୍ଟନାୟକ, ବ୍ରହ୍ମପୁର ଡାୟୋସିସ ସେକ୍ରେଟାରୀ ଆଚାର୍ଯ୍ୟ ଜୟଶିବାନନ୍ଦ ଅବଧୂତ, କୁଶ ବେହେରା, ଉମା ବିଶୋଇଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ସରସ୍ୱତୀ ପ୍ଲାଜା ବିରୋଧରେ ସଙ୍ଗିନ୍ ଅଭିଯୋଗ

# ଧାରଣାରେ ବସିଲେ ସାହି ବାସିନ୍ଦା

ବ୍ରହ୍ମପୁର,୧୨।୭(ସମିସ)

ସ୍ଥାନୀୟ ସରସ୍ୱତୀ ପ୍ଲାଜା ଯୋଗୁ ନିକଟରେ ଥିବା ସାହି ବାସିନ୍ଦା ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ସରସ୍ୱତୀ ପ୍ଲାଜାରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପରୀକ୍ଷା ହେଉଛି। ପରୀକ୍ଷା କେନ୍ଦ୍ରରେ ଲାଗୁଥିବା (୫ଜି) ଜାମରକୁ ବନ୍ଦ କରିବାକୁ ସାହି ବାସିନ୍ଦା ଦାବି କରିଛନ୍ତି। ସେହିଭଳି ସେକ୍ଟରକୁ ଆସୁଥିବା ପରୀକ୍ଷାର୍ଥୀ ଓ ସେମାନଙ୍କ ଗାଡ଼ି ଯୋଗୁ ଉପୁଜୁଥିବା ଅସୁବିଧା, ଅଞ୍ଚଳର ଇଣ୍ଟରନେଟ୍ ମୋବାଇଲ୍ ବ୍ୟବହାର ଓ ଯାତାୟତ ସମସ୍ୟାର ଦୂରୀକରଣ ପାଇଁ ଗଞ୍ଜାମ ଜିଲ୍ଲାପାଳ, ବ୍ରହ୍ମପୁର ଏସ୍‌ପି, ବ୍ରହ୍ମପୁର ଉପ-ଜିଲ୍ଲାପାଳ, ବିଇଏମ୍‌ସି କମିଶନର ପ୍ରମୁଖଙ୍କୁ ଲିଖିତ ଭାବେ ସହରବାସୀ ଅଭିଯୋଗ କରିଛନ୍ତି।

### ପରୀକ୍ଷା କେନ୍ଦ୍ର ଲାଗି ଇଣ୍ଟରନେଟ୍ ଓ ଯାତାୟତରେ ହେଉଛି ସମସ୍ୟା

ସୂଚନା ପ୍ରକାରେ ସହରର ଶେରଗଡ଼ ବଙ୍ଗଳା ଓ ଚିକିଟି ବଙ୍ଗଳା ସାହିରେ ପ୍ରାୟ ୫୦୦ଲୋକ ବସବାସ କରନ୍ତି। ଛାତ୍ରଛାତ୍ରୀଙ୍କ ପାଠପଢା ଓ ସାହି ବାସିନ୍ଦାଙ୍କ କାମ ଧନ୍ଦାରେ ଇଣ୍ଟେରନେଟ୍ ଓ ମୋବାଇଲ୍ ବ୍ୟବହାର ଆଜିର ଦିନରେ ଜରୁରୀ ହୋଇଛି। କିନ୍ତୁ ସାହିରେ ଥିବା ସରସ୍ୱତୀ ପ୍ଲାଜା ପରୀକ୍ଷା କେନ୍ଦ୍ରରେ ବ୍ୟବହାର ହେଉଥିବା ଅତି ଉଚ୍ଚ କ୍ଷମତାସମ୍ପନ୍ନ ଜାମର ଯୋଗୁ ସାହି ପିଲାଙ୍କ ଅନ୍‌ଲାଇନ୍ ପାଠପଢା ଓ ବାସିନ୍ଦାଙ୍କ ଦୈନନ୍ଦିନ ଇଣ୍ଟରନେଟ୍ ବ୍ୟାବାହର, ମୋବାଇଲରେ କଥାବାର୍ତ୍ତା କରିବାରେ ବ୍ୟାଘାତ ସୃଷ୍ଟି ହେଉଛି। ସାହି ଭିତରେ ଦୈନିକ ପ୍ରାୟ ୫୦୦ରୁ ୧୦୦୦ପରୀକ୍ଷାର୍ଥୀ ଓ ତାଙ୍କ ସାଙ୍ଗସାଥୀ ଓ ଅଭିଭାବକଙ୍କ ଗାଡ଼ିର ପାର୍କିଂ ଅନଧିକାର ଭାବେ କରାଯାଉଛି। ସାହି ରୋଡରେ ଗାଡ଼ିଘୋଡ଼ା ଭର୍ତ୍ତି ହେଉଥିବାରୁ ଯାତାୟାରେ ସମସ୍ୟା ଦେଖାଦେଉଛି। ଏହି ପରୀକ୍ଷା ସେଣ୍ଟରକୁ ବହୁ ଲୋକ ସମାଗମ ହେବାରୁ ସାହିରେ କୋଳାହଳରେ ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ହେବା ସଙ୍ଗେ ସଙ୍ଗେ ଅପରିଷ୍କାର ମଧ୍ୟ ହେଉଛି। ଏହି ସମସ୍ୟା ଗୁଡିକ ପରୀକ୍ଷା କେନ୍ଦ୍ରର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ଫଳ ମିଳୁନି। ଏଣୁ ସାହିବାସିନ୍ଦା ବାଧ ହୋଇ ଉଚ୍ଚ ପଦାଧିକାରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ୭ଦିନ ମଧ୍ୟରେ ଉପରୋକ୍ତ ପରୀକ୍ଷା କେନ୍ଦ୍ରରେ ଲାଗିଥିବା ଜାମର ବନ୍ଦ ନକଲେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଏହିକ୍ରମରେ ସାହିବାସିନ୍ଦା ଆଜି ସରସ୍ୱତୀ ପ୍ଲାଜା ସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିବା ଜଣାପଡ଼ିଛି।



## ବ୍ରହ୍ମପୁରରେ ମୋବାଇଲ୍ ମିନି ହସ୍ପିଟାଲ୍



ବ୍ରହ୍ମପୁର,୧୨।୭(ସମିସ)

ଅପହଞ୍ଚ ଇଲାକାରେ ସୁଦୃଢ ହେବ ସ୍ୱାସ୍ଥ୍ୟ ସେବା। ସାମାନ୍ୟ ଚିକିତ୍ସା ହେଉଥବା କୌଣସି ପରୀକ୍ଷା ଏଥିପାଇଁ ଆଉ ବଡ଼ ମେଡ଼ିକାଲକୁ ଯିବାକୁ ପଡ଼ିବ ନାହିଁ । ଗୋଟିଏ ଗାଡ଼ିରେ ହିଁ ହେବ ପ୍ରାୟ ୨୦ ପ୍ରକାରର ଚିକିତ୍ସା। ଏଥିପାଇଁ ହାଇଦ୍ରାବାଦରୁ ବ୍ରହ୍ମପୁରରେ ପହଞ୍ଚିଛି ମୋବାଇଲ୍ ମିନି ହସ୍‌ପିଟାଲ। ଏକ ଟ୍ରକ ଉପରେ ଏହି ମୋବାଇଲ ମିନି ହସ୍‌ପିଟାଲ ରହିଛି। କେନ୍ଦ୍ର ସରକାରଙ୍କ ସହଯୋଗରେ ଏପିରୋନ୍ ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଏହାକୁ କାର୍ଯ୍ୟକାରୀ କରାଉଛି। ଏହା ପ୍ରଥମ ଥର କରି ଓଡ଼ିଶାର ବ୍ରହ୍ମପୁର ସହରକୁ ଆସିଛି। ଏହି ମୋବାଇଲ ମିନି ହସପିଟାଲରେ ପ୍ରାଥମିକ ଚିକିତ୍ସା ଉପଲବ୍ଧ। ଏଥିସହିତ ବିଭିନ୍ନ ପରୀକ୍ଷା ବି ହୋଇପାରିବ। ଏଥିରେ ଦୁଇଟି ବେଡ୍ ସହିତ ଆବଶ୍ୟକ ନର୍ସ, ଫାର୍ମାସିଷ୍ଟ ଓ ଡାକ୍ତର ମଧ୍ୟ ସ୍ଥାନ ପାଇଛନ୍ତି। ଏହି ମୋବାଇଲ ମିନି ହସ୍‌ପିଟାଲ ଡେମୋ ନିମନ୍ତେ ଓଡ଼ିଶା ଆସିଛି। ବ୍ରହ୍ମପୁରରେ ପହଞ୍ଚିବା ପରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲର ପ୍ରଶାସନିକ ଅଧିକାରୀ ସଂଗ୍ରାମ ପଣ୍ଡା, ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ସେଣ୍ଟ୍ରାଲର ସଦସ୍ୟାମାନେ ସମ୍ପୃକ୍ତ ଗାଡ଼ି ନିକଟରେ ପହଞ୍ଚି ଏ ବିଷୟରେ ଅବଗତ ହୋଇଥିଲେ। ଏହି ମୋବାଇଲ ମିନି ହସ୍‌ପିଟାଲ ସେବା ଗଞ୍ଜାମ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ରହି ଲୋକଙ୍କୁ ଚିକିତ୍ସା ସେବା ଯୋଗାଇଦେବା ନିମନ୍ତେ କାର୍ଯ୍ୟ କରୁ ବୋଲି ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ସେଣ୍ଟ୍ରାଲ ଇଚ୍ଛୁକ ରହିଛି। ଏନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ସହ ରୋଟାରୀ କ୍ଲବ ଆଲୋଚନା କରି ଏହାକୁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅପହଞ୍ଚ ଇଲାକା ସହ ଗ୍ରାମାଞ୍ଚଳରେ ପହଞ୍ଚାଇ ଲୋକଙ୍କୁ ଚିକିତ୍ସା ସେବା ମାଗଣାରେ ଯୋଗାଇ ଦେବା ନିମନ୍ତେ ପ୍ରଚେଷ୍ଟା କରାଯିବ ବୋଲି କହିଛନ୍ତି ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ସେଣ୍ଟ୍ରାଲ ସଦସ୍ୟ।



● କମ୍ରେଡ଼ ବିଶ୍ୱନାଥ ସାହୁ ଶତବାର୍ଷିକୀ ସମାରୋହ

## ସଂକଟରେ କୃଷି ଓ ଦେଶର ସାମାଜିକ ସ୍ଥିତି- ପି. ସାଇନାଥ



ବ୍ରହ୍ମପୁର,୧୨।୭(ସମିସ): ହିଲପାଟଣା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ପରିସରରେ ଓଡ଼ିଶାର ବିଶିଷ୍ଟ କୃଷକ ନେତା, ଛତ୍ରପୁରର ତତ୍କାଳୀନ ବିଧାୟକ କମ୍ରେଡ଼ ବିଶ୍ୱନାଥ ସାହୁଙ୍କ ଶତବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ "କୃଷି ଓ ଅସମାନତା' ଶୀର୍ଷକରେ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ସାମ୍ବାଦିକ ତଥା କୃଷି ବିଶେଷଜ୍ଞ ପି. ସାଇନାଥ ଯୋଗଦେଇ ଦେଶରେ କୃଷକ ଓ କୃଷି କ୍ଷେତ୍ରରେ ଥିବା ସଂକଟ ଉପରେ ମତବ୍ୟକ୍ତ କରିଥିଲେ। ସମ୍ପ୍ରତି ପାରିବାରିକ ଚାଷ କାର୍ଯ୍ୟ କମିଚାଲିଛି। କର୍ପୋରେଟ କୃଷି କାର୍ଯ୍ୟ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଚାଷ କାର୍ଯ୍ୟ ଧିରେ ଧିରେ ଲୋପ ପାଇବାରେ ଲାଗିଛି। ଯାହା ଭାରତର ସାମାଜିକ ଓ ଆର୍ଥିକ ସ୍ଥିତିକୁ ମଧ୍ୟ ସଂକଟରେ ପକାଇଛି ବୋଲି ସେ ମତବ୍ୟକ୍ତ କରିଥିଲେ। କୃଷି କ୍ଷେତ୍ର ବର୍ତ୍ତମାନ ସଂକଟ ଦେଇ ଗତି କରୁଥିଲେ ମଧ୍ୟ ଏହା ଉପରେ ସରକାର ଚିନ୍ତାପ୍ରକଟ କରୁନାହାନ୍ତି। ବିଗତ ଦିନରେ ବିଭିନ୍ନ ରାଜ୍ୟ ଓ ଦେଶରେ ସରକାର ପରିବର୍ତ୍ତନ କରିବାରେ କୃଷକମାନେ ମୂଳ ଭୂମିକା ଗ୍ରହଣ କରିଥିଲେ। ତିନି ଆଇନ ଉଚ୍ଛେଦ ଦାବିରେ କୃଷକଙ୍କ ଆନ୍ଦୋଳନ ଐତିହାସିକ ବୋଲି ଶ୍ରୀ ସାଇନାଥ କହିଥିଲେ। କମ୍ରେଡ଼ ସାହୁଙ୍କ ସୁପୁତ୍ର ତଥା ସମଦୃଷ୍ଟି ପତ୍ରିକାର କାର୍ଯ୍ୟନିର୍ବାହୀ ସମ୍ପାଦକ ବିଘ୍ନେଶ୍ୱର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ଭଗବାନ ସାହୁ, ସିପିଏମ ନେତା ଅଳି କିଶୋର ପଟ୍ଟନାୟକ, ଆଶିଷ କାଥୁଅଗୋ, ବରିଷ୍ଠ ସାମ୍ବାଦିକ ରବି ରଥ, ସୁଧିର ପଟ୍ଟଥାୟକ, ପୂର୍ବତନ ବିଧାୟକ ଏନ.ନାରାୟଣ ରେଡ଼ି, ପ୍ରକାଶ ପାତ୍ର, ଅଲ ଇଣ୍ଡିଆ ଫରୱାଡର୍ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଏ ଅବସରରେ ଅତିଥିମାନଙ୍କ ଦ୍ୱାରା ବିଶ୍ୱନାଥ ସାହୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଥିଲା। ସେହିଭଳି କମ୍ରେଡ଼ ସାଲା କ୍ରିଷ୍ଣା ରେଡ଼ି ଓ କମ୍ରେଡ଼ ସୀମାଞ୍ଚଳ ସାହୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ବିଶ୍ୱାସର ସାଥୀ ବିଶ୍ୱନାଥ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## ଦର୍ଶକଙ୍କ ସହ ମିଶି ସିନେମା ଦେଖିଲେ 'ନବକଳେବର' ଟିମ୍

ବ୍ରହ୍ମପୁର,୧୨।୭(ସମିସ): ସହରର ରୁକ୍ମିଣୀ, ପାୟଲ, ଗାୟତ୍ରୀ ସିନେମା ହଲରେ ଶ୍ରୀଜଗନ୍ନାଥଙ୍କ ନବକଳେବର ସିନେମା ଟିମ୍ ପହଞ୍ଚି ଦର୍ଶକଙ୍କ ସହିତ ମିଶି ଏକାଠି ଚଳଚ୍ଚିତ୍ର ଦେଖିଛନ୍ତି। ଓଡ଼ିଆଙ୍କ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବରର କଥାବସ୍ତୁକୁ ନେଇ ନିର୍ମାଣ ହୋଇଥିବା ସିନେମାକୁ ଦେଖିବାକୁ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଉଛି। ଚଳଚ୍ଚିତ୍ରର ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲ, ପ୍ରଯୋଜକ ଦିଲ୍ଲୀପ ସାମଲ, କାର୍ଯ୍ୟକାରୀ ପ୍ରଯୋଜକ ପ୍ରଣୟ ଜେଠୀ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଅଭିନେତା ଶ୍ରୀତମ ଦାସ, ଜ୍ୟୋତି ନାୟକ, ଅଂଶୁମାନ ପ୍ରମୁଖ ସହରର ତିନିଟି ପ୍ରେକ୍ଷାଳୟରେ ଦର୍ଶକଙ୍କ ସହ ମିଶି ସମ୍ପୂର୍ଣ୍ଣ ଚଳଚ୍ଚିତ୍ର ଦେଖିଥିଲେ। ଦର୍ଶକ ତାଙ୍କ ପ୍ରିୟ କଳାକାରଙ୍କୁ ଦେଖି ବହୁତ ଖୁସି ହୋଇ ସେଲ୍‌ଫି ନେଇଥିଲେ। ସିନେମା ଦେଖି ଦର୍ଶକ ବହୁତ ଭାବ ବିହ୍ୱଳ ହୋଇଥିଲେ। ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ଏହି ଚଳଚ୍ଚିତ୍ର ନିଶ୍ଚିତ ବିଶ୍ୱବିଦିତ ହେବ ବୋଲି ଟିମ ଆଶା ବାନ୍ଧିଛନ୍ତି।



### ଓଡ଼ିଶା ଡ୍ରାଇଭର୍ ମହାସଂଘ ଷ୍ଟିୟରିଂ ଛାଡ଼ ଆନ୍ଦୋଳନର ପ୍ରଭାବ

# ଆକାଶଛୁଆଁ ପରିବା ଦର; ଚିନ୍ତାରେ ଗୃହିଣୀ

ବ୍ରହ୍ମପୁର,୧୨।୭(ସମିସ)



ରାଜ୍ୟରେ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୭ଦଫା ଦାବିରେ ଷ୍ଟିୟରିଂ ଛାଡ ଆନ୍ଦୋଳନର ପ୍ରଭାବ ହାଣ୍ଡିଶାଳ ଉପରେ ପଡିଛି। ପନିପରିବା ଦର ଆକାଶ ଛୁଆଁ ହୋଇଛି। ଆନ୍ଦୋଳନ ଯୋଗୁ ଗାଡ଼ି ଚଳାଚଳ ପ୍ରଭାବିତ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ପ୍ରତ୍ୟେକ ପରିବାର ମୂଲ୍ୟ କିଲୋପିଛା ୨୦ରୁ ୩୦ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଯାହାକୁ ନେଇ ଚିନ୍ତାରେ ପଡିଯାଇଛନ୍ତି ଗୃହିଣୀ। ଏଭଳି ପରିସ୍ଥିତିରେ ଦେଶୀ କାଙ୍କଡ କିଲୋ ପିଛା ୩୫୦ ଏବଂ ବିନ୍ସ ୧୬୦ଟଙ୍କା ରହିଛି। ସେହିଭଳି ହଠାତ୍ ଟମାଟୋ କିଲୋ ପିଛା ୫୦ରୁ ୬୦ଟଙ୍କା ହୋଇଥିବା ବେଳେ ବାଇଗଣ କିଲୋ ପିଛା ୮୦ଟଙ୍କା, ଫୁଲୋକବି ୮୦ଟଙ୍କା, ପୋଟଳ ୬୦ଟଙ୍କା, ବନ୍ଧାକୋବି ୫୦ଟଙ୍କା, ଭେଣ୍ଡି ୬୦ଟଙ୍କା, ଅଳଡ଼ି ୬୦ଟଙ୍କା ଓ କଞ୍ଚାଲଙ୍କା ୧୬୦ଟଙ୍କାରେ ବିକ୍ରି ହେଉଛି। ଏଭଳି ଭାବେ ପ୍ରତ୍ୟେକ ପନିପରିବା ଦର ବୃଦ୍ଧି ପାଇଛି। ଫଳରେ ଗ୍ରାହକଙ୍କ ପକେଟକୁ ଓ ହାବଭାବକୁ ଦେଖି ବ୍ୟବସାୟୀମାନେ କିଲୋ ଦର ନକହି ଅଢେଇଶହ ବା ପାଏର ମୂଲ୍ୟ କହୁଥିବା ଦେଖିବାକୁ ମିଳୁଛି। ଯଦିଓ ଘରୋଇ ବସ୍ ଚଳାଚଳ ଆରମ୍ଭ ହୋଇଛି ହେଲେ ଡ୍ରାଇଭର ମହାସଂଘର ଆନ୍ଦୋଳନ ଜାରି ରହିଛି। ଫଳରେ ଆନ୍ଦୋଳନ ସମ୍ପୂର୍ଣ୍ଣ ବନ୍ଦ ନହେବା ପର୍ଯ୍ୟନ୍ତ ପରିସ୍ଥିତି ଏଭଳି ଲାଗି ରହିବାର ଆଶଙ୍କା ସୃଷ୍ଟି ହୋଇଛି।

ଏଭଳି ସ୍ଥିତିରେ ସାଧାରଣ ଗ୍ରାହକ ମଧ୍ୟ ଘରକୁ କମ୍ ପରିମାଣର ପନିପରିବା ନେଉଥିବା ଦେଖିବାକୁ ମିଳୁଛି। ଏଣୁ ଦରବୃଦ୍ଧି ଯୋଗୁ ପରିବା ବ୍ୟବସାୟ ପ୍ରାୟ ଶତକଡା ୬୦ପ୍ରତିଶତ ହ୍ରାସ ପାଇଥିବା ଜଣାପଡିଛି। ଏଭଳି ଦରବୃଦ୍ଧି ଯୋଗୁ ଗ୍ରାହକ ଆବଶ୍ୟକ ମୁତାବକ ଟମାଟ, ବନ୍ଧାକୋବି ଓ ବାଇଗଣ କ୍ରୟ କରିବାକୁ ପଛଘୁଞ୍ଚା ଦେଉଥିବା ବ୍ୟବସାୟୀମାନେ କହିଛନ୍ତି। ଅନ୍ୟପକ୍ଷରେ ବଜାରକୁ ହିଞ୍ଜିଳି, ପୁରୁଷୋତ୍ତମପୁର, ରମ୍ଭା, ଷୋଳଘର ଓ ଚିକିଟି ଭଳି ବିଭିନ୍ନ ସ୍ଥାନରୁ ପ୍ରତିଦିନ ସକାଳେ ପରିବା ଆସୁଥିଲେ ହେଁ କମ୍ ପରିମାଣର ପରିବା ଆସୁଛି। ସେହିପରି ବର୍ତ୍ତମାନ ଶ୍ରାବଣ ମାସ ଚାଲିଥିବାରୁ ଦରଦାମ୍ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

● କିଲୋ ବଦଳରେ ଅଢ଼େଇ ଶହ କିଣୁଛନ୍ତି ଖାଉଟି
● ଦେଶୀ କାଙ୍କଡ଼ ଓ ବିନ୍ସ ଛୁଇଁବାକୁ ଡର; ୫୦ ତଳକୁ କିଛି ନାହିଁ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ବାର୍ଷିକ ଅଧିବେଶନ



ବ୍ରହ୍ମପୁର,୧୨।୭(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ୫୨ତମ ବାର୍ଷିକ ଅଧିବେଶନ ଓ ନୂତନ କର୍ମକର୍ତ୍ତା ଚୟନ ହୋଇଛି। ସଭାପତି ଡ. ମିହିର କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସରକାରୀ ଏନ୍‌ପିଏସ୍‌ଭୁକ୍ତ ପରିବାର ସଦସ୍ୟଙ୍କୁ ମୃତ୍ୟୁକାଳୀନ ପେନସନ ମିଳୁଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ମଚାରୀ ଏଥିରୁ ବାଦ ପଡିଛନ୍ତି। ସରକାରୀ କର୍ମଚାରୀଙ୍କୁ ୟୁପିଏସ ଲାଗୁ ହେଉଥିବା ବେଳେ ବିଶ୍ୱବିଦ୍ୟାଳୟ ଗୁଡିକରେ ଲାଗୁ ନାହିଁ। ଏଭଳି ନୀତିକୁ ବୈଠକରେ କର୍ମଚାରୀମାନେ ଦୁଃଖ ପ୍ରକାଶ କରିଥିଲେ। ବରିଷ୍ଠ ସଦସ୍ୟ ସୁଶାନ୍ତ କୁମାର ସାହୁ ସଭା ପରିଚାଳନା କରିଥିଲେ। ଚଳତବର୍ଷ ପାଇଁ ନୂତନ କର୍ମକର୍ତ୍ତା ମଧ୍ୟରେ ସଭାପତି ଭାବେ ଡ ମିହିର କୁମାର ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ସତ୍ୟ ନାରାୟଣ ଶତପଥୀ, ମନୋଜ କୁମାର ଶତପଥୀ, ଉପସଭାପତି ଦେବୀ ପ୍ରସାଦ ବେହେରା, ସଂଗ୍ରାମ କେଶରୀ ନାୟକ, ସାଧାରଣ ସମ୍ପାଦକ ଇନ୍ଦ୍ର ପ୍ରସାଦ ବେହେରା, ସଂଗଠନ ସମ୍ପାଦକ ପ୍ରଦୀପ କୁମାର ବେହେରା, ସଂପାଦକ ମିତ୍ରଭାନୁ ମେହେରଙ୍କ ସମେତ ୨୮ ଜଣ କାର୍ଯ୍ୟକାରୀ କମିଟି ସଭ୍ୟ ମଧ୍ୟ ଚୟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଗତବର୍ଷର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ପାତ୍ର, ସହ ସମ୍ପାଦକ କୁରେଶ ଚୌଧୁରୀ ପ୍ରମୁଖ ମଞ୍ଚାସିନ ଥିଲେ।

# ‘ବିକାଶ ନାଁରେ ଚାଲିଛି ସିନ୍ଦିରିବନ୍ଧର ବିନାଶ’





**ପାରଳାଖେମୁଣ୍ଡି, ୧୨।୭ (ସମିସ)**

● ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ହୋଇପାରୁନି ଉନ୍ନତି
● ବର୍ଷା ଦିନେ ପାଣି ଶୁଖାଇ ହେଉଛି କାମ

ବିଗତ ଚାରି ବର୍ଷ ହେଲା ବନ୍ଧର ଉନ୍ନତି ପାଇଁ ପର୍ଯ୍ୟାୟ କ୍ରମେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଉନ୍ନତିର ନାଁ ଗନ୍ଧ ନାହିଁ। ବିଭିନ୍ନ ସରକାରୀ ଯୋଜନାର ଅର୍ଥ ଲଗାଣ ହୋଇଛି। କିନ୍ତୁ ୪ ବର୍ଷ ହଲା କାମ ସରୁନି। ଏପରିଏକ ବନ୍ଧ ହେଉଛି ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧ ଗ୍ରାମର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସିନ୍ଦିରିବନ୍ଧ।

ସୂଚନା ପ୍ରକାରେ ପର୍ଯ୍ୟାୟ କ୍ରମେ ପଞ୍ଚାୟତ ତରଫରୁ ଗାର୍ଡୱାଲ୍ ନିମନ୍ତେ ୨ ଲକ୍ଷ, ଅମୃତ ସରୋବର ଯୋଜନାରେ ୩ ଲକ୍ଷ ଓ ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ନାମରେ ୩ ଲକ୍ଷ ୫୦ ହଜାର ଟଙ୍କା ଏପରି ଭାବେ ଅନେକ ସରକାରୀ ପାଣ୍ଠି ଖର୍ଚ୍ଚ ହେଲାଣି ଏହି ବନ୍ଧର ଉନ୍ନତି ପାଇଁ। କିନ୍ତୁ ଆଜିଯାଏଁ ବନ୍ଧର ଉନ୍ନତିକରଣ କି ସୌନ୍ଦର୍ଯ୍ୟକରଣ ହୋଇପାରୁନି।

ଏହି ବନ୍ଧରେ ପୂର୍ବରୁ କେବେ ବି ପାଣି ଶୁଖୁନଥିଲା, ହେଲେ ଚାରି ବର୍ଷ ହେଲା ଉନ୍ନତିକରଣ ନାମରେ କାମ ଆରମ୍ଭ ହୋଇଥିବାବେଳେ ସେବେଠାରୁ ଏହି ବନ୍ଧ ଶୁଖିଲା ପଡ଼ିଥିବା କହିଛନ୍ତି ଗ୍ରାମବାସୀ। ଫଳରେ ନିତ୍ୟ ବ୍ୟବହାରକାରୀ ଅସୁବିଧା ଭୋଗୁଛନ୍ତି। ପଶୁପକ୍ଷୀ ମଧ୍ୟ ପାଣି ପାଇଁ ତହଳବିକଳ ହେଉଛନ୍ତି। ୪ ବର୍ଷ ହେଲା ବନ୍ଧ ଶୁଖିଲା ପଡ଼ିଥିବାରୁ ମତ୍ସ୍ୟ ଚାଷ କରି ଗୁଜୁରାଣ ମେଣ୍ଟାଉଥିବା ଲୋକେ ମଧ୍ୟ ଜୀବିକା ହରାଇଛନ୍ତି। ସେହିପରି ବନ୍ଧ ନିଲାମ ନହେବାରୁ ପଞ୍ଚାୟତ ଗତ ୪ ବର୍ଷ ମଧ୍ୟରେ ୨ ଲକ୍ଷରୁ ଅଧିକ ଟଙ୍କା ରାଜସ୍ୱ ମଧ୍ୟ ହରାଉଛି। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ବର୍ଷା ଦିନେ ଅର୍ଥାତ୍ ଜୁନ୍ ମାସରେ ଉନ୍ନୟନମୂଳକ କାମ ଆରମ୍ଭ ହେଉଛି ଓ କାମ ଆରମ୍ଭ କରୁ କରୁ ବର୍ଷା ହେବାରୁ ପୁଣି କାମ ବନ୍ଦ। ଆଉ ବିଲ୍ ବି ପାସ୍ ହୋଇ ଟଙ୍କା ହଜମ ହୋଇଯାଉଥିବା ଅଭିଯୋଗ ହେଉଛି। ଏପରି ଥରେ କି ଦୁଇ ଥର ନୁହେଁ ଚାରି ବର୍ଷ ହେଲା ଚାଲିଛି। ଚଳିତ ବର୍ଷ ମଧ୍ୟ ଜୁନ୍ ମାସରେ କାମ ଆରମ୍ଭ ହୋଇଥିବାବେଳେ ଆଜି ଯାଏଁ ସରିନାହିଁ। ସରକାରୀ ନିର୍ଦ୍ଦେଶ ଅନୁସାରେ ଜୁନ୍ ମାସ ୧୫ରୁ ଜଳରାଶି ସମ୍ବନ୍ଧୀୟ ଉନ୍ନୟନ କାମ କରିବା ବାରଣ ରହିଥିଲେ ମଧ୍ୟ ଗାରାବନ୍ଧ ପଞ୍ଚାୟତ ପକ୍ଷରୁ ଏବେ ବି କାମ ଚାଲୁ ରହିଛି। ବର୍ଷା ପାରି ଜମି ଯିବାରୁ ମୋଟର ଲଗାଇ ପାଣି ବାହାର କରାଯାଉଛି। ବିକାଶ ନାମରେ ୪ବର୍ଷ ହେଲା ଏହି ବନ୍ଧର ବିନାଶ ଚାଲିଥିବା ପୂର୍ବତନ ସରପଞ୍ଚ କେ. ବେଣୁଗୋପାଳ ରାଓ କହିଛନ୍ତି। ୪ ବର୍ଷ ହେଲା ବନ୍ଧର ବିକାଶ ନାମରେ ବର୍ଷା ଦିନରେ କାମ ଆରମ୍ଭ କରି ପୁଣି ବନ୍ଦ କରାଯାଉଥିବା ବେଳେ ବିଲ୍ କରି ଅର୍ଥ ଉଠାଯାଉଥିବା ସେ ଅଭିଯୋଗ କରିଛନ୍ତି। ଏଭଳି କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କଲେ ସମସ୍ତ ଘଟଣା ସାମନାକୁ ଆସିବ ଏବଂ ଅନିୟମିତାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ରାଓଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଯେ, ଯେତେ ଥର କାମ ହୋଇଛି ପଞ୍ଚାୟତ ପକ୍ଷରୁ କେଉଁ ଯୋଜନାରେ ନିର୍ମାଣ ହେଉଛି, କେତେ ଟଙ୍କା ବ୍ୟୟ ଅଟକଳ କରାଯାଇଛି, କାର୍ଯ୍ୟାରମ୍ଭ ଓ ଶେଷ ଆଦି ସମ୍ପର୍କିତ ଫଳକଟିଏ ମଧ୍ୟ ଲଗାଯାଉନି। ଏପରି କାମକୁ ଦେଖି ସାଧାରଣରେ ନାନାଦି ଆଲୋଚନା ହେଉଥିବା ବେଳେ କେତେକ ଭିଜିଲାନ୍ସ ତଦନ୍ତ କଲେ ସମସ୍ତ ତଥ୍ୟ ପଦାକୁ ଆସିବ ବୋଲି ମଧ୍ୟ ଆଲୋଚନା ହେଉଛି।

## ୭ ଦିନ ହେଲା ବିଏସ୍ଏନ୍ଏଲ୍ ନେଟ୍‌ୱର୍କ ଫେଲ୍

**ବ୍ରାହ୍ମଣୀଗାଁ, ୧୨।୭ (ସମିସ):** ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଅଞ୍ଚଳର ୮ ପଞ୍ଚାୟତ ନିମନ୍ତେ ବ୍ରାହ୍ମଣୀଗାଁ କେନ୍ଦ୍ର ସ୍ଥାନ। ଆଜିକାଲି ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟ ମୋବାଇଲ ନେଟୱର୍କ ସହ ସଂଯୁକ୍ତି। କିନ୍ତୁ ବ୍ରାହ୍ମଣୀଗାଁରେ ଏକ ମାତ୍ର ବିଏସଏନଏଲ୍ ନେଟୱର୍କ ଉପଲବ୍ଧ। ହେଲେ ୭ ଦିନ ହେଲା କୌଣସି କାରଣରୁ ଅଚଳ ରହିଛି। ଏଥିଯୋଗୁଁ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟ ବନ୍ଦ୍ ହୋଇଯାଇଛି। ଲୋକେ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହୋଇ ଦୂରସ୍ଥାନକୁ ଯାଇ ସମୟ ଓ ଅର୍ଥ ବ୍ୟୟ କରୁଛନ୍ତି। ବିଶେଷ କରି ଅଙ୍ଗନବାଡିଙ୍କ ସମସ୍ତ କାର୍ଯ୍ୟ ବାଧା ପ୍ରାପ୍ତ ହେଉଛି। କାରଣ ଅଙ୍ଗନବାଡ଼ି କାର୍ଯ୍ୟ ନିମନ୍ତେ ଆଧାର କାର୍ଯ୍ୟ ଓ ଓଟିପି ପାଇବା କାର୍ଯ୍ୟ ହୋଇପାରୁନାହିଁ। ଏଥିଯୋଗୁଁ ଛୋଟ ପିଲା ଓ ଲାଭାର୍ଥି ଠିକ୍ ସମୟରେ ସେବା ପାଇପାରୁନାହାନ୍ତି। ଜନସାଧାରଣ ଏହାର ଆଶୁ ସମାଧାନ ନିମନ୍ତେ ଦୃଢ଼ ଦାବି କରିଛନ୍ତି।

## ଜନଗଣନା ସଚେତନତା ବୈଠକ



**ମୋହନା, ୧୨।୭ (ସମିସ):** ଗଜପତି ଜିଲ୍ଲା ମୋହନା ଶିବ ମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆନୁକୂଲ୍ୟରେ ଜନଗଣନା ସଚେତନତା ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡ ସଂଯୋଜକ ବାବୁଲା ସେଠୀଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ସାମାଜିକ ସମରସତା ପ୍ରମୁଖ ତରଣୀ ସେନ ଦାସ, ବନବାସୀ କଲ୍ୟାଣ ଆଶ୍ରମ ପୂର୍ବତନ ରାଜ୍ୟ ସଭାପତି ରାଘବ ନାୟକଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ଆଗାମୀ ଜନଗଣନା ପାଇଁ ଜନ ଜାଗରଣ ଉପରେ ଆଲୋଚନା କରାଯିବା ସହ ଯୋଜନା ପ୍ରସ୍ତୁତ କରାଯାଇଛି। ବୈଠକରେ ପି. ଶ୍ରୀନିବାସ ରାଓ, ମନୋଜ ସାହୁ ଓ ଅଂଶୁମାନ ପଣ୍ଡା ସହଯୋଗ କରିଥିଲେ।

## ଜଳଲାଗି ପାଇଁ କାଉଡ଼ିଆଙ୍କ ଚକାପାଦ ଯାତ୍ରା



**ଜି.ଉଦୟଗିରି, ୧୨।୭ (ସମିସ):** ଶ୍ରାବଣ ପ୍ରଥମ ସୋମବାରରେ ଶୈବପୀଠରେ ଜଳଲାଗି ବାହାରିଛନ୍ତି କାଉଡିଆ। ଆଜି ଜି.ଉଦୟଗିରିରୁ ବହୁ କାଉଡ଼ିଆ ବାପା ବିରୁପାକ୍ଷଙ୍କୁ ଜଳଲାଗି ପାଇଁ ଚକାପାଦ ଅଭିମୁଖେ ବାହାରିଛନ୍ତି। ଏଥିପାଇଁ ଜଳ ଉଠାଇ ଶତାଧିକ କାଉଡିଆ ‘ବୋଲବମ ବମ ହର ବମ’ ଧ୍ୱନିରେ ସହର ପରିକ୍ରମା କରିଥିଲେ।

## ମୋହନାରେ ଚାରା ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ




**ମୋହନା, ୧୨।୭ (ସମିସ):** ମୋହନାରେ ଚାରାବିକ୍ରୟ କେନ୍ଦ୍ର ସ୍ଥାନୀୟ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ନିକଟରେ ଥିବା ଶୋଭନ ଗାର୍ଡେନରେ ଉଦଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟାନ ଯୋଜନାରେ ସ୍ଥାପିତ ହୋଇଥିବା ଏହି ବିକ୍ରୟ କେନ୍ଦ୍ରକୁ ମୁଖ୍ୟଅତିଥି ସହକାରୀ ଉଦ୍ୟାନ ଅଧିକାରୀ କରୁଣାକର ପାଇକ ଉଦଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟାନ ଯୋଜନା ଦ୍ୱାରା ଏହି ଚାରା ବିକ୍ରୟ କେନ୍ଦ୍ରରେ ବିଭିନ୍ନ ପ୍ରକାର ଫଳନ୍ତି, ଔଷଧୀୟ, ସୌନ୍ଦର୍ଯ୍ୟକରଣ ଓ ଫୁଲ ଚାରା ସୁଲଭ ମୂଲ୍ୟରେ ବିକ୍ରୟ କରାଯିବ ବୋଲି କୃଷି ଉଦ୍ୟାନ ହିତାଧିକାରୀ ସୁନିତା ପଟ୍ଟନାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଦ୍ଧିଜୀବୀ ଦେବାନନ୍ଦ ନାୟକ, ବିଭୁଚନ୍ଦ୍ର ନାୟକ, ମନୋଜ ସାହୁ ଓ ସାମ୍ବାଦିକ ଅଂଶୁମାନ ପଣ୍ଡା ଯୋଗ ଦେଇଥିଲେ।

● ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଞ୍ଚ କାରବାର

## ହାତଗୁଞ୍ଜା ନଦେଲେ ମିଳୁନି ଜନ୍ମମୃତ୍ୟୁ ପ୍ରମାଣପତ୍ର

**ମୋହନା, ୧୨।୭ (ସମିସ):** ଗଜପତି ଜିଲ୍ଲା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମମୃତ୍ୟୁ ପଞ୍ଜୀକରଣ ବିଭାଗରେ ଖୁଲମ୍‌ଖୁଲା ଚାଲିଛି ଲାଞ୍ଚ କାରବାର। ଗରିବ, ନିରୀହ ବ୍ୟକ୍ତିଙ୍କ ଠାରୁ ମୋଟା ଅଙ୍କର ଲାଞ୍ଚ ନେଇ ଜନ୍ମମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ଜନ୍ମମୃତ୍ୟୁ ପଞ୍ଜୀକରଣ ବିଭାଗରେ ଢେପାଗୁଡା ଉପସ୍ୱାସ୍ଥ୍ୟ କେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ଏବଂ ଗୋବିନ୍ଦପୁର ଉପସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ମିଳିତ ଭାବେ ବସି ଗରିବ ଲୋକଙ୍କଠାରୁ ପ୍ରତିଦିନ ଟଙ୍କା ଆଦାୟ କରୁଛନ୍ତି। ଟଙ୍କା ନ ଦେଲେ ସେମାନଙ୍କ କାଗଜପତ୍ର ଫିଙ୍ଗି ଦେଉଛନ୍ତି।

**ଆବେଦନ ପତ୍ର ଫିଙ୍ଗି ଦେଉଛନ୍ତି ଅଧିକାରୀ**

ଶୁକ୍ରବାର ଜଣେ କାର୍ଯ୍ୟରତ ସାମ୍ବାଦିକ ମୋଜେସ ରଇତ ତାଙ୍କ ବାପାଙ୍କ ମୃତ୍ୟୁ ପ୍ରମାଣପତ୍ର ନେବାକୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟକୁ ଯାଇଥିଲେ। ଦାୟିତ୍ୱରେ ଥିବା ଅଧିକାରୀ ତାଙ୍କୁ ୩ ଶହ ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ନ ଦେବାରୁ କାର୍ଯ୍ୟରତ ସାମ୍ବାଦିକଙ୍କ ଆବେଦନପତ୍ର ଫିଙ୍ଗି ଦେଇ ଗାଳିଗୁଲଜ କରିଥିଲେ ବୋଲି ସାମ୍ବାଦିକ ଜଣକ ଅଭିଯୋଗ କରିଛନ୍ତି।

ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼.ଜୟ ପଣ୍ଡାଙ୍କୁ ସେ ଅବଗତ କରାଇଥିଲେ। କିନ୍ତୁ ସେ ପଦକ୍ଷେପ ନେବା ପରିବର୍ତ୍ତେ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି କହିଥିଲେ। ତେଣୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଜାଣତରେ ଲାଞ୍ଚ କାରବାର ହେଉଥିବା ସେ ଅଭିଯୋଗ କରିଛନ୍ତି। ଜନ୍ମମୃତ୍ୟୁ ପ୍ରମାଣ ପତ୍ର ପଞ୍ଜୀକରଣ ବିଭାଗରେ ଜଣେ ଅଧିକାରୀ ନିଯୁକ୍ତି ଦେବା ପରିବର୍ତ୍ତେ ବିଭିନ୍ନ ସେକ୍ଟରର ସ୍ୱାସ୍ଥ୍ୟକର୍ମୀଙ୍କୁ ଦାୟିତ୍ୱ ଦେଇ ଏହି ଲାଞ୍ଚ କାରବାରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼. ମୁବାରକ ଅଲ୍ଲୀଙ୍କୁ ପଚାରିବାରୁ, ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଞ୍ଚ କାରବାର ହେଉଥିବା ନେଇ ସେ ବହୁବାର ଶୁଣିବାକୁ ପାଇଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଲାଞ୍ଚ କାରବାର ନେଇ ବହୁବାର ଅଭିଯୋଗ ହେବା ସତ୍ତ୍ୱେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତାଙ୍କର ଚିରାଚରିତ ଢଙ୍ଗରେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହୁଛନ୍ତି। କିନ୍ତୁ ପରବର୍ତ୍ତି ସମୟରେ ସେ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହେଉଛି। ଖବର ପରେ ମେଡ଼ିକାଲରେ ବହୁ ସାମ୍ବାଦିକ ପହଞ୍ଚି ଖବର ସଂଗ୍ରହ କରିଥିଲେ।

## ସରକାରୀ ବିଏଡ୍ ଟ୍ରେନିଂ କଲେଜରେ ବନମହୋତ୍ସବ

**ଜି.ଉଦୟଗିରି, ୧୨।୭ (ସମିସ):** ଜି.ଉଦୟଗିରି ବ୍ଲକ କଳିଙ୍ଗାସ୍ଥିତ ସରକାରୀ ବିଏଡ୍ ଟ୍ରେନିଂ କଲେଜ, କଳିଙ୍ଗାରେ ବନ ମହୋତ୍ସବ ପାଳିତ ହୋଇଯାଉଛି। ପ୍ରଧାନ ଅଧ୍ୟାପକ ଡ.ମନୋଜ କୁମାର ପ୍ରଧାନ ନିଜର ଭାଷଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଗଛର ମହତ୍ତ୍ୱ ଓ ପରିବେଶ ରକ୍ଷାରେ ତାଙ୍କର ଭୂମିକା ବିଷୟରେ ସଚେତନ କରିଥିଲେ। ରାଜନୈତିକ ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ବିଚିତ୍ର କୁମାର ବେହେରା, ଡ଼. ଦୀପକ କୁମାର ମହାନ୍ତି, ସୌମ୍ୟରଞ୍ଜନ ନାୟକ, ମୋନାଲିସା ନାୟକ, ବିକ୍ରମ କୁମାର ପ୍ରଧାନ, ସୁବ୍ରତ କୁମାର ପାଢ଼ି, କିଶୋର ଚନ୍ଦ୍ର ନାୟକ, ଲକ୍ଷ୍ମୀପ୍ରିୟା ନାୟକ, ସନମ ସ୍ମିତାହାସିନୀ, ସତୀସୁତା ମହାପାତ୍ର, ପ୍ରମୋଦ କୁମାର ନାୟକଙ୍କ ସହ କଲେଜର ଅନ୍ୟାନ କର୍ମଚାରୀ ଗଛ ଲଗାଇଥିଲେ। ଏହି ଅବସରରେ ସମସ୍ତେ ଛାତ୍ର ଛାତ୍ରୀ ଗଛ ଲଗାଇବା ଓ ପରିବେଶ ସୁରକ୍ଷାରେ ନିଜ ଭୂମିକା ତୁଲାଇବା ପାଇଁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ବନପାଳ ରଶ୍ମିତା ବକ୍ସି, ବନରକ୍ଷୀ ବିଭୂରଞ୍ଜାନ ସାମନ୍ତରାୟ, ନୀଳେନ୍ଦ୍ରୀ ନାୟକ ଅର୍ଜୁନ, ଡୋଲି ଚନ୍ଦନ, ଶିଶୁ, କରଞ୍ଜ ଭଳି ବିଭିନ୍ନ ଚାରାରୋପଣ କରିଥିଲେ।



## ଗଞ୍ଜେଇ ଚାଷ କରି ଦୁଇ ଗିରଫ

**ବାଲିଗୁଡ଼ା/କ.ନୂଆଗାଁ, ୧୨।୭ (ସମିସ):** ପୁଲିସ କେବଳ ଗଞ୍ଜେଇ ଚାଲାଣକାରୀ କିମ୍ବା ମାଫିଆ ନୁହେଁ, ବରଂ ଗଞ୍ଜେଇ ଚାଷ କରୁଥିବା ଲୋକଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। କ.ନୂଆଗାଁ ପୁଲିସ୍ ଗଞ୍ଜେଇ ଚାଷ କରୁଥିବା ବେଳେ ଲେତିଙ୍ଗିଆ ଗ୍ରାମର ପ୍ରମୋଦ ମଲ୍ଲିକ ଏବଂ ଉଜାମୁଣ୍ଡାର ସୀମାଞ୍ଚଳ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବର୍ତ୍ତମାନ କନ୍ଧମାଳର ଲୋକଙ୍କୁ ଗଞ୍ଜେଇ ଚାଷରେ ସାମିଲ ନ ହେବା ପାଇଁ ଚେତାବନୀ ଦିଆଯାଉଛି। କାରଣ କେବଳ ଗଞ୍ଜେଇ କାଟିବା ଏବଂ ଜବତ କରାଯିବ ନାହିଁ ବରଂ ଆଗକୁ ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କୁ ଗିରଫ କରାଯିବ ବୋଲି ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ କହିଛନ୍ତି।



## ହାତୀଶାଳ ଉପ୍ରା ବିଦ୍ୟାଳୟରେ ବିଜ୍ଞାନ ଶିବିର



**ଜି.ଉଦୟଗିରି, ୧୨।୭ (ସମିସ):** ଜିଲ୍ଲା ଜି.ଉଦୟଗିରି ହାତୀଶାଳ ଉପ୍ରା ବିଦ୍ୟାଳୟରେ ଦୁଇଦିନିଆ ବିଜ୍ଞାନ ଶିବିର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ବଳରାମ ସାହୁ ଯୋଗ ଦେଇ ବିଜ୍ଞାନ ପାଠ୍ୟକ୍ରମ ପରୀକ୍ଷା କରି ଦେଖାଇଥିଲେ। ଶିବିର ରେ ଷଷ୍ଠ, ସପ୍ତମ, ଅଷ୍ଟମର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବିଜେପି ରାଷ୍ଟ୍ରୀୟ ପରିଷଦ ସଭ୍ୟ ହେଲେ ନଳିନୀକାନ୍ତ



**ପାରଳାଖେମୁଣ୍ଡି, ୧୨।୭ (ସମିସ):** ଗଜପତି ଜିଲ୍ଲାର ବରିଷ୍ଠ ବିଜେପି ନେତା ତଥା କାଶୀନଗର ବାସିନ୍ଦା ନଳିନୀକାନ୍ତ ମହାପାତ୍ର ବିଜେପି ରାଷ୍ଟ୍ରୀୟ ପରିଷଦର ସଭ୍ୟ ନିଯୁକ୍ତ ହୋଇଛନ୍ତି। ଏହି ଖବର ଜିଲ୍ଲାରେ ପ୍ରଚାରିତ ହେବା ପରେ ବିଜେପି ମହଲରେ ଖୁସିର ଲହରି ଖେଳିଯାଇଛି। ଶ୍ରୀ ପାତ୍ରଙ୍କ ମନୋନୟନ ପରେ ଜିଲ୍ଲା ବିଜେପି ନେତୃବୃନ୍ଦଙ୍କ ସମେତ ନେତା ଓ କର୍ମୀମାନେ ଶ୍ରୀ ପାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିପଦସଂକୁଳ ଅବସ୍ଥାରେ କୁଚାସରୁ ଅଙ୍ଗନବାଡ଼ି ଗୃହ

**ବାଲିଗୁଡ଼ା, ୧୨।୭ (ସମିସ):** କନ୍ଧମାଳ ଜିଲ୍ଲାରେ ଆଜି ବି ବିପଦସଂକୁଳ ଅବସ୍ଥାରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ରରେ ପାଠପଢ଼ା। ଏଭଳି ଏକ କରୁଣ ଚିତ୍ର ଦେଖିବାକୁ ମିଳିଛି ବାଲିଗୁଡ଼ା ବ୍ଲକ ସଲାଗୁଡା ପଞ୍ଚାୟତର କୁଚାସରୁ ଗ୍ରାମରେ। କୁଚାସରୁ ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ର ବିପଦସଙ୍କୁଳ ଅବସ୍ଥାରେ ଚାଲିଛି। ବର୍ଷା ଦିନ ଆସିଲେ ଛାତରୁ ପାଣି ଆସି ଘର ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଉଛି। ପାହାଡ ପର୍ବତ ଘେରା ଏହି ଗ୍ରାମକୁ ଆଜିବି ମାଟି ରାସ୍ତା ଦେଇ ଯିବାଆସିବା କରନ୍ତି ଅଞ୍ଚଳବାସୀ। ବର୍ଷା ଦିନ ଆସିଲେ ବାଧାପ୍ରାପ୍ତ ହେଉଛି ଜନଜୀବନ। ତେଣୁ ଅନେକ ଥର ରାସ୍ତା ଓ ଅଙ୍ଗନବାଡ଼ି ଗୃହ ନିମନ୍ତେ ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କଲେ ମଧ୍ୟ ଅଜିପର୍ଯ୍ୟନ୍ତ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ପଡୁନାହିଁ। ସ୍ଥାନୀୟ ସରପଞ୍ଚ ସରିତା ମଲ୍ଲିକ ଏ ବିଷୟରେ ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ୍ୟ କାହାର ଦୃଷ୍ଟି ପଡୁନି। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ସରପଞ୍ଚ ଓ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।



## ବର୍ଷାରେ ଭାସିଗଲା କୁଚେଣ୍ଡି ନଦୀ କାଠ ପୋଲ

### ଚାନ୍ଦା ସହ ଶ୍ରମଦାନ କରି ନିର୍ମାଣ କଲେ ଅଞ୍ଚଳବାସୀ

**ଫିରିଙ୍ଗିଆ, ୧୨।୭ (ସମିସ)**

ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ତଳ ଡାଙ୍ଗାଣାମ ନିକଟରେ ଥିବା କୁଚେଣ୍ଡି ନାଳର କାଠ ପୋଲ ଗତ ଲଗାଣ ବର୍ଷାରେ ଧୋଇଯାଇଛି। ପ୍ରତିବର୍ଷ କୁଚେଣ୍ଡି ନଦୀରେ ଅଞ୍ଚଳବାସୀ କାଠ ପୋଲ ନିର୍ମାଣ କରୁଥିବା ବେଳେ ବର୍ଷା ଦିନ ଆସିଲେ ପୋଲ ଭାସିଯାଏ।

ଚଳିତ ବର୍ଷ ଲଗାଣ ବର୍ଷାରେ କାଠ ପୋଲ ଭାସିଯିବା ପରେ ଆଜି ପୁଣି ଥରେ ତଳ ଡାଙ୍ଗାଣାମ, ଉପର ଡାଙ୍ଗାଣାମ, ଶାଗଜଳା, ପାନପଦର, କଟଡିସିରା, ବାଗନୁରୀ, ଟୁଙ୍କୁପଦର, ପିଲିପଦର, ବାତଜୁର, ବୁଗେରମାସ୍କା, ଲାକାସିର୍ପି ଭଳି ୧୧ରୁ ଊର୍ଦ୍ଧ୍ୱ ଗ୍ରାମର ଶତାଧିକ ଜନସାଧାରଣ ନିଜେ ଶ୍ରମ ଦାନ କରିବା ସହ ଚାନ୍ଦା କରି ଦିନ ତମାମ ଜଙ୍ଗଲରୁ କାଠ ସଂଗ୍ରହ କରି ପୁଣି ଥରେ କାଠ ପୋଲ ନିର୍ମାଣ କରିଛନ୍ତି। ୨ ଟି ୱାର୍ଡର ୨ ଶହରୁ ଅଧିକ ଘର ରହିଥିବା ବେଳେ ଅଙ୍ଗନବାଡି କେନ୍ଦ୍ର ସହ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ରହିଛି। କାଠ ପୋଲ ନହେଲେ ଯାତାୟତ ପାଇଁ ସମସ୍ୟା ହେଉଛି। ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟ ସହ ପାଠପଢ଼ା ପାଇଁ ପିଲାଏ ଯିବା ଆସିବା ପାଇଁ ଏହି କାଠ ପୋଲ ଉପରେ ନିର୍ଭର କରି ଆସୁଛନ୍ତି। କୁଚେଣ୍ଡି ନଦୀରେ କାଠ ପୋଲ ଧୋଇଗଲେ ପୁଣି ଥରେ ଚାନ୍ଦା କରି ଶ୍ରମ ଦାନ କରି ନିର୍ମାଣ କରୁଥିବା କହିଛନ୍ତି କିଛି ଗ୍ରାମବାସୀ। ଦୀର୍ଘ ବର୍ଷରୁ କୁଚେଣ୍ଡି ନଦୀରେ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ପାରିନାହିଁ। ତୁରନ୍ତ କୁଚେଣ୍ଡି ନଦୀରେ ପୋଲ ନିର୍ମାଣ କରିବାକୁ ଜଳନ୍ଧର ମଲିକ, କିନ ମଲିକ, ରାମ ମଲିକ, କୃଷ୍ଣ କହଁର, ନାରଦ ଭୋଇଙ୍କ ସହ ଅଞ୍ଚଳବାସୀ ଦାବି କରିଛନ୍ତି। କାଠ ପୋଲ ନିର୍ମାଣକୁ ନେଇ ଗ୍ରାମ୍ୟ ନିର୍ମାଣ ବିଭାଜନ ବିଭାଗୀୟ ଅଧିକାରୀ ସୁଶୀଳ ମହାନ୍ତିଙ୍କୁ ପଚାରିବାରୁ ପୋଲ ନିର୍ମାଣ ପାଇଁ ଅନୁଦାନ ଆସିଛି ଏବଂ ଟେଣ୍ଡର ପରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି।



